# NATIONAL NEWS BULLETIN (ODIA)

## 12 April - 2025

## Evening Bulletin : 7.15 P.M.

****************************************

## ମୁଖ୍ୟ ସମ୍ବାଦ

- ବିଶ୍ୱରେ ଭାରତକୁ ଏକ ଆଶାର କିରଣ ଭାବେ ପ୍ରତିଷ୍ଠା କରିବାକୁ ପ୍ରୟାସ ଜାରି ରହିଛି, କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ଭୁବନେଶ୍ୱର ଏମସ୍‌ରେ କେନ୍ଦ୍ରୀୟ ଗବେଷଣା ପ୍ରୟୋଗଶାଳାର ଉଦ୍‌ଘାଟନ କଲେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ।
- ପଶ୍ଚିମବଙ୍ଗର ମୁର୍ସିଦାବାଦ ଜିଲ୍ଲାରେ ୱାକଫ୍ ସଂଶୋଧନ ଆଇନ୍ ବିରୋଧରେ ଘଟିଥିବା ହିଂସାକାଣ୍ଡରେ ଏ ପର୍ଯ୍ୟନ୍ତ ତିନି ଜଣଙ୍କର ମୃତ୍ୟୁ ।
- ତାଞ୍ଜାନିଆଠାରେ ଆସନ୍ତାକାଲି ଠାରୁ ଆରମ୍ଭ ହେବ ଆଫ୍ରିକା-ଭାରତ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ବହୁପକ୍ଷିୟ ସମରାଭ୍ୟାସ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଆଜିର ଦ୍ୱିତୀୟ ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଲା ପଞ୍ଜାବ କିଙ୍ଗସ୍ ।

## ଶାହ-ମହାରାଷ୍ଟ୍ର

ଛତ୍ରପତି ଶିବାଜୀ ମହାରାଜଙ୍କ ଐତିହାସିକ ଅଞ୍ଚଳ ରାୟଗଡ଼ ଦୁର୍ଗ ଦେଶର ଯୁବବର୍ଗଙ୍କ ପ୍ରେରଣାର ଉତ୍ସଭାବେ ବିକଶିତ କରିବାକୁ ଉଭୟ କେନ୍ଦ୍ର ଏବଂ ମହାରାଷ୍ଟ୍ର ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି । ମହାରାଷ୍ଟ୍ରର ରାୟଗଡ଼ ଦୁର୍ଗରେ ଛତ୍ରପତି ଶିବାଜୀ ମହାରାଜଙ୍କ ୩୪୫ତମ ପୁଣ୍ୟତିଥି ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଶ୍ରୀ ଶାହା ଏହା କହିଛନ୍ତି । ସପ୍ତମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଅତି କମ୍‌ରେ ଥରେ ସେହି ପବିତ୍ର ସ୍ଥଳୀକୁ ଗସ୍ତ କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅନୁରୋଧ କରିଛନ୍ତି । ଏହାଦ୍ୱାରା ସେମାନେ ଛତ୍ରପତି ଶିବାଜୀ ମହାରାଜଙ୍କ ପରମ୍ପରା ଏବଂ ଆଦର୍ଶ ସହିତ ଯୋଡ଼ି ହୋଇପାରିବେ ।

ସେ କହିଛନ୍ତି, ଶିବାଜୀ ମହାରାଜଙ୍କର ବାର୍ତ୍ତା ଥିଲା ସ୍ୱରାଜ ପାଇଁ ଲଢ଼େଇ କେବେ ବି ବନ୍ଦ ହେବା ଉଚିତ ନୁହେଁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଶିବାଜୀ ମହାରାଜଙ୍କ ସ୍ୱପ୍ନକୁ

ସାକାର କରିବା ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି । ଭାରତକୁ ସମଗ୍ର ବିଶ୍ୱରେ ଏକ ଆଶାର କିରଣ ଭାବେ ପ୍ରତିଷ୍ଠା କରିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ଶ୍ରୀ ଶାହା କହିଛନ୍ତି ।

**V/O AMIT-SHAH-ON-INDIA**

# ନଡ୍ଡା-ଏମସ୍

ଭୁବନେଶ୍ୱର ଏମସ୍ ଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା କେନ୍ଦ୍ରୀୟ ଗବେଷଣା ପ୍ରୟୋଗଶାଳାର ଉଦ୍‌ଘାଟନ କରିଛନ୍ତି । ଏହା ସହ ବହୁମୁଖୀ ଗ୍ୟାଷ୍ଟ୍ରୋନୋମି ବ୍ଲକ୍‌ର ମଧ୍ୟ ଶ୍ରୀ ନଡ୍ଡା ଶିଳାନ୍ୟାସ କରିଛନ୍ତି । ଛାତ୍ରଛାତ୍ରୀ, ଚିକିତ୍ସକ, କର୍ମଚାରୀ ଏବଂ ସାଧାରଣ ଜନତାଙ୍କ ବର୍ଦ୍ଧିତ ଆବଶ୍ୟକତାକୁ ପୂରଣ କରିବା ଲକ୍ଷ୍ୟ ନେଇ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାପଡ଼ିଛି । ଆଧୁନିକ ଭିତ୍ତିଭୂମି ସମ୍ପନ୍ନ ଗ୍ୟାସ୍‌ଟ୍ରୋନୋମି ବ୍ଲକ୍‌ରେ ରୋଗୀଙ୍କୁ ବିବିଧ ସେବା ପ୍ରଦାନ କରିବାର ଲକ୍ଷ୍ୟ ରଖାଯାଇଛି । ଶ୍ରୀ ନଡ୍ଡା ଏମସ୍ ଭୁବନେଶ୍ୱରର ନୂତନ ୱେବ୍‌ସାଇଟ୍‌କୁ ଉନ୍ମୋଚନ କରିଛନ୍ତି । ଏମସ୍‌ରେ ବିଭିନ୍ନ ସେବାର ସହଜ ଉପଲବ୍ଧତା ନେଇ ଏହି ୱେବ୍‌ସାଇଟ୍ କାର୍ଯ୍ୟକାରୀ କରାଯାଇଛି । ଏହାବ୍ୟତୀତ ସ୍ୱାସ୍ଥ୍ୟ ମନ୍ତ୍ରୀ ଇ.ଏଚ୍.ଏସ୍. କ୍ଲିନିକ୍ ଏବଂ ଅମୃତ ଫାର୍ମାସିକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ଏମସ୍ ଭୁବନେଶ୍ୱରର କାର୍ଯ୍ୟ

ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ଆଶୁତୋଷ ବିଶ୍ୱାସ କହିଛନ୍ତି, କେନ୍ଦ୍ରୀୟ ଗବେଷଣା ପ୍ରୟୋଗଶାଳା ଏମସ୍ ଭୁବନେଶ୍ୱରର ଗବେଷଣା କ୍ଷମତାକୁ ଏକ ନୂତନ ଶିଖରକୁ ପହଞ୍ଚାଇବାର ସମ୍ଭାବନା ରହିଛି । ଡାକ୍ତର, ଗବେଷକ ଏବଂ ଛାତ୍ରଛାତ୍ରୀଙ୍କୁ ଅଭିନବ ସ୍ୱାସ୍ଥ୍ୟ ସେବା ପ୍ରଦାନ ଏବଂ ସୁଦୂରପ୍ରସାରୀ ଚିକିତ୍ସା ଗବେଷଣା କ୍ଷେତ୍ରକୁ ଏହା ସଶକ୍ତ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

## ଡବ୍ଲ୍ୟୁବି-ୱାକଫ୍ ଭାଓଲେନ୍ସ

ପଶ୍ଚିମବଙ୍ଗର ମୁର୍ସିଦାବାଦ୍ ଜିଲ୍ଲାରେ ୱାକଫ୍ ସଂଶୋଧନ ଆଇନ୍ ବିରୋଧରେ ଘଟିଥିବା ହିଂସାକାଣ୍ଡରେ ଏ ପର୍ଯ୍ୟନ୍ତ ତିନି ଜଣଙ୍କର ମୃତ୍ୟୁ ହୋଇଛି । ଜାଫ୍ରାବାଦ୍ ଅଞ୍ଚଳରୁ ଦୁଇ ଜଣ ବାପ-ପୁଅଙ୍କ ମୃତ ଶରୀର ଉଦ୍ଧାର କରାଯାଇଥିବା ବେଳେ ମୁର୍ସିଦାବାଦ୍ ମେଡିକାଲ୍ କଲେଜ୍ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ଜଣଙ୍କର ମୃତ୍ୟୁ ହୋଇଛି । ଧୁଲିୟାଁ ଅଞ୍ଚଳରେ ଆଜି ଅପରାହ୍ଣରେ ପୁଣିଥରେ ହିଂସାତ୍ମକ ପରିସ୍ଥିତି ସୃଷ୍ଟି ହୋଇଥିଲା । ଏଥିରେ ଦୁଇ ଜଣ ଆହତ ହୋଇଛନ୍ତି । ପରିସ୍ଥିତିକୁ ଦୃଷ୍ଟିରେ ରଖି ପଶ୍ଚିମବଙ୍ଗ ବିଧାନସଭା ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ରାଜ୍ୟରେ କେନ୍ଦ୍ରୀୟ ସୁରକ୍ଷାବଳ ମୁତୟନ ନେଇ କୋଲକାତା ହାଇକୋର୍ଟରେ ଏକ ପିଟିସନ୍ ଫାଇଲ୍ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାଜ୍ୟବାସୀଙ୍କୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଅନୁରୋଧ କରିଛନ୍ତି । ଧର୍ମ ଆଧାରରେ ହିଂସାକାଣ୍ଡ ଠାରୁ ଦୂରେଇ ରହିବାକୁ ସେ ଚେତାବନୀ ଦେଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ହିଂସାକାଣ୍ଡ ଘଟଣାରେ ଜଡ଼ିତ ଲୋକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଓ୍ୱାକଫ୍ ସଂଶୋଧନ ଆଇନ୍ ପଶ୍ଚିମବଙ୍ଗରେ ଲାଗୁ ହେବ ନାହିଁ ବୋଲି ସେ କହିଛନ୍ତି ।

ଅନ୍ୟ ପକ୍ଷରେ ବିଜେପି ରାଜ୍ୟ ଶାଖା ସଭାପତି ସୁକାନ୍ତ ମଜୁମଦାର୍ କେନ୍ଦ୍ର ସରକାର ଏହି ଘଟଣାରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି । ଏ ନେଇ ସେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସହିତ ଆଲୋଚନା କରିଛନ୍ତି ।

ତେବେ ଜିଲ୍ଲାର ସୁତି, ସମ୍‌ସେର୍‌ଗଞ୍ଜ, ଜଲାଙ୍ଗି ଏବଂ ଲାଲଗୋଲା ଅଞ୍ଚଳରେ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ପୁଲିସ୍ ମହାନିର୍ଦ୍ଦେଶକ ରାଜୀବ କୁମାର କହିଛନ୍ତି । ସେହିସବୁ ଅଞ୍ଚଳରେ ଗତକାଲି  ବ୍ୟାପକ ହିଂସାକାଣ୍ଡ ଘଟିଥିଲା । ଏହି ଘଟଣାରେ ୧୧୮ ଜଣଙ୍କୁ ଗିରଫ୍ କରାଯାଇଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତୀୟ ନ୍ୟାୟ ସଂହିତାର ୧୬୩ ଆଇନ୍ ଲାଗୁ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି ।

ବିଜେପି ମୁଖପାତ୍ର ପ୍ରଦୀପ ଭଣ୍ଡାରୀ ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ କହିଛନ୍ତି, ପଶ୍ଚିମବଙ୍ଗରେ ଆଇନ୍‌ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବାରେ

ରାଜ୍ୟ ସରକାର ବିଫଳ ହୋଇଛନ୍ତି । ଦେଶର ଅନ୍ୟ ଅଞ୍ଚଳ ଗୁଡ଼ିକ ଓ୍ୱାକଫ୍ ସଂଶୋଧନ ଆଇନ୍‌କୁ ସ୍ୱାଗତ କରୁଥିବା ବେଳେ ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ ସରକାର ଏହାକୁ ନେଇ ତୁଷ୍ଟିକରଣ ରାଜନୀତି କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି ।

## ଆଫ୍ରିକା-ଇଣ୍ଡିଆ

ଆଫ୍ରିକା-ଭାରତ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ବହୁପକ୍ଷୀୟ ସମରାଭ୍ୟାସ ଆସନ୍ତାକାଲି ଠାରୁ ତାଞ୍ଜାନିଆ ଠାରେ ଆରମ୍ଭ ହେବ । ୬ ଦିନ ଧରି ଚାଲିବାକୁ ଥିବା ଏହି ମିଳିତ ସମରାଭ୍ୟାସ ଆସନ୍ତା ୧୮ ତାରିଖରେ ଶେଷ ହେବ । ଆଞ୍ଚଳିକ ସୁରକ୍ଷା ଏବଂ ସାମୁଦ୍ରିକ କ୍ଷେତ୍ରରେ ରହିଥିବା ଆହ୍ୱାନ ଗୁଡ଼ିକର ସହଯୋଗୀ ସମାଧାନକୁ ବିକଶିତ କରିବା ଏହି ମିଳିତ ସମରାଭ୍ୟାସର ମୁଖ୍ୟ ଉଦ୍ଦେଶ୍ୟ । ଏଥିରେ କାମରୋସ, ଜିବୁତି, କେନିଆ, ମାଡାଗାସ୍କର, ମରିସସ୍, ମୋଜାମ୍ବିକ୍, ସେସେଲ୍ସ ଏବଂ ଦକ୍ଷିଣ ଆଫ୍ରିକା ଅଂଶଗ୍ରହଣ କରୁଛନ୍ତି । ଭାରତୀୟ ନୌଜାହାଜ ଆଇ.ଏନ୍.ଏସ୍. ଚେନ୍ନାଇ, ଆଇ.ଏନ୍.ଏସ୍. କେଶରୀ ଏବଂ  ଆଇ.ଏନ୍.ଏସ୍. ସୁନୟନା ଏହି ମିଳିତ ସମରାଭ୍ୟାସରେ ଯୋଗଦେଉଛନ୍ତି । ଆସନ୍ତାକାଲି ଏହି ମିଳିତ ସମରାଭ୍ୟାସର ଉଦ୍‌ଘାଟନ ହେବାକୁ ଥିବା ବେଳେ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ସାମୁଦ୍ରିକ ପର୍ଯ୍ୟାୟରେ ଅଂଶଗ୍ରହଣକାରୀ ଦେଶମାନଙ୍କ ମଧ୍ୟରେ

ନିରାପତ୍ତା ସଂକ୍ରାନ୍ତ ସହଯୋଗକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯିବ ।

## ବିଜେପି-ଇକୋନମି ଡିଏମ୍‌କେ

ଆମେରିକା ଦ୍ୱାରା ନୂତନ ଶୁଳ୍କ ନୀତି ଲାଗୁ ହେବା କାରଣରୁ ବିଶ୍ୱ ଅର୍ଥନୀତିରେ ଅସ୍ଥିରତା ଦେଖାଦେଇଥିବା ସତ୍ତ୍ୱେ ଭାରତର ଅର୍ଥନୀତି ଶକ୍ତିଶାଳୀ ରହିଛି ବୋଲି ବିଜେପି କହିଛି । ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ ସମ୍ବୋଧନ କରି ବିଜେପି ମୁଖପାତ୍ର ସୟଦ ଜାଫର ଇସଲାମ୍ କହିଛନ୍ତି, ଏହି ପରିସ୍ଥିତିର ଭାରତୀୟ ଅର୍ଥନୀତି ଉପରେ କମ୍ ପ୍ରଭାବ ରହିବ । ଭାରତର ଅର୍ଥନୀତି, ଆତ୍ମନିର୍ଭରଶୀଳ ଏବଂ ଏହା ଦ୍ରୁତ ଗତିରେ ତ୍ୱରାନ୍ୱିତ ହେଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ନେଇଥିବା ନୀତିଗତ ନିଷ୍ପତ୍ତି ଭାରତର ଅର୍ଥନୀତିକୁ ସୁଦୃଢ଼ କରିବାରେ ସହାୟକ ହୋଇଛି । ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଏବଂ ମୁଦ୍ରା ଯୋଜନା ଉପରେ ମଧ୍ୟ ସେ ଏହି ଅବସରରେ ଆଲୋକପାତ କରିଥିଲେ । କ୍ଷୁଦ୍ର ବ୍ୟବସାୟ ଏବଂ ଉଦ୍ୟୋଗକୁ ସମର୍ଥନ କରିବାରେ ମୁଦ୍ରାଯୋଜନା ଏକ ବିଶ୍ୱସ୍ତରୀୟ ମଡେଲ୍‌ରେ ପରିଣତ ହୋଇଛି ବୋଲି ସେ କହିଛନ୍ତି ।

**V/O-ZAFAR-ISLAM-MUDRA-LOAN**

# ଫାଇନାନ୍ସ ପୁଞ୍ଜି ସ୍କାମ୍

ରୋଜ୍ ଭ୍ୟାଲି ପୁଞ୍ଜି ଦୁର୍ନୀତି ମାମଲାରେ ପ୍ରଭାବିତ ଲୋକଙ୍କୁ ଅର୍ଥ ଫେରସ୍ତ ଲକ୍ଷ୍ୟ ନେଇ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ  ଆଜି ସମ୍ପତ୍ତି ନିଲାମ କମିଟିର ଅଧ୍ୟକ୍ଷ ଡକ୍ଟର ଡି.କେ. ସେଠ୍‌ଙ୍କୁ ୫୧୫ କୋଟିରୁ ଅଧିକ ଟଙ୍କାର ଡିମାଣ୍ଡ ଡ୍ରାଫ୍ଟ ପ୍ରଦାନ କରିଛନ୍ତି । ଅର୍ଥ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଏହି ଅର୍ଥ ଦ୍ୱାରା ପ୍ରଭାବିତ ସାଢ଼େ ୭ ଲକ୍ଷ ଲୋକଙ୍କୁ ସହାୟତା ପ୍ରଦାନ କରାଯାଇ ପାରିବ । ଏ ପର୍ଯ୍ୟନ୍ତ କମିଟି ନିକଟରେ ୩୧ ଲକ୍ଷରୁ ଅଧିକ ଅର୍ଥ ଫେରସ୍ତ ନେଇ ଦାବି ଦାଖଲ ହୋଇଛି । ପଶ୍ଚିମବଙ୍ଗ, ଓଡ଼ିଶା, ଆସାମ ଏବଂ ତ୍ରିପୁରାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଆର୍ଥିକ ହେରଫେର୍ ମାମଲାରେ ରୋଜ୍ ଭ୍ୟାଲି ସଂସ୍ଥା ବିରୁଦ୍ଧରେ ୫ଟି ପୃଥକ ମାମଲାର ତଦନ୍ତ କରୁଛି । ସ୍ୱତନ୍ତ୍ର ଅଦାଲତରେ ଏହି ମାମଲା ଗୁଡ଼ିକ ଦାଖଲ ହୋଇସାରିଛି ।

ସୂଚନା ଯୋଗ୍ୟ ଜମି, ହୋଟେଲ୍ ଶିଳ୍ପରୁ ଲାଭାଂଶ ଏବଂ ଉଚ୍ଚ ସୁଧ ପ୍ରଦାନ ପ୍ରତିଶ୍ରୁତି ଦେଇ ଏହି ସଂସ୍ଥା ଜନସାଧାରଣଙ୍କ ଠାରୁ ୧୭ ହଜାର ୫୦୦ କୋଟିରୁ ଅଧିକ ଟଙ୍କା ଆଦାୟ କରିଥିଲା ।

# ପାକିସ୍ତାନ ଏଜୁକେସନ୍

ପାକିସ୍ତାନର ପଞ୍ଜାବ ପ୍ରଦେଶର ଶିକ୍ଷା ବିଭାଗରୁ  ୪୪ ହଜାର ପଦବୀକୁ ଉଚ୍ଛେଦ କରାଯାଇଛି । ସରକାରୀ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ଘରୋଇ କ୍ଷେତ୍ରକୁ ପ୍ରଦାନ କରିବା ଲକ୍ଷ୍ୟ ନେଇ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ସେଠାକାର ଗଣମାଧ୍ୟମ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବର୍ତ୍ତମାନ ପାକିସ୍ତାନରେ ସୃଷ୍ଟ ମୁଦ୍ରାସ୍ଫିତି ସଂକଟ ସମୟରେ ଏଭଳି ପଦକ୍ଷେପ ନିଯୁକ୍ତି ହରାଇଥିବା ଲୋକଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ ହୋଇଛି । ୨୦୧୮ରେ ଶେଷ ଥର ପାଇଁ ନିଯୁକ୍ତି ଅଭିଯାନ କରାଯାଇଥିଲା । ଏହାପରଠାରୁ ପଞ୍ଜାବ ପ୍ରଦେଶର ସରକାରୀ ବିଦ୍ୟାଳୟ ଗୁଡ଼ିକରେ ଅତି କମ୍‌ରେ ୧ ଲକ୍ଷ ଶିକ୍ଷକଙ୍କର ଅଭାବ ଦେଖାଦେଇଛି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ର ଆଜିର ପ୍ରଥମ ମ୍ୟାଚ୍ ଜାରି ରହିଛି । ଟସ୍ ଜିତି ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ଗୁଜରାଟ ଟାଇଟନ୍ସକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ଗୁଜରାଟ ନିର୍ଦ୍ଧାରିତ ୨୦ ଓଭରରେ ୬ୱିକେଟ୍ ବିନିମୟରେ ୧୮୦ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଅଧିନାୟକ ଶୁଭମନ ଗିଲ୍ ସର୍ବାଧିକ ୬୦ରନ୍ କରିଥିବା ବେଳେ ସାଇ ସୁଦର୍ଶନ

୫୬ରନ୍ ସଂଗ୍ରହ କରିଥିଲେ । ୧୮୧ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଲକ୍ଷ୍ନୌ ୧୭ ଓଭରରେ ୩ ୱିକେଟ୍ ବିନିମୟରେ ୧୬୩ ରନ୍ ସଂଗ୍ରହ କରିଥିଲା ।

ଆଉ ଅଳ୍ପ ସମୟ ପରେ ଆଜିର ଦ୍ୱିତୀୟ ମ୍ୟାଚ୍‌ରେ ସନ୍‌ରାଇଜର୍ସ୍ ହାଇଦ୍ରାବାଦ୍ ଏବଂ ପଞ୍ଜାବ୍ କିଙ୍ଗସ୍ ମଧ୍ୟରେ ମୁକାବିଲା ହେବ । ହାଉଦ୍ରାବାଦ୍‌ର ରାଜୀବ ଗାନ୍ଧି ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ପଞ୍ଜାବ କିଙ୍ଗସ୍ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି ।

# ଫୁଟ୍‌ବଲ୍

ଇଣ୍ଡିଆନ୍ ସୁପର ଲିଗ୍ ଫୁଟ୍‌ବଲ୍ ଟାଇଟଲ୍ ହାସଲ ଲାଗି ଆଜି ମୋହନବାଗନ ସୁପର୍‌ଜ୍ୟାଣ୍ଟ୍‌ସ ଏବଂ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟରେ ମୁକାବିଲା ହେବ । କୋଲ୍‌କାତାର ବିବେକାନନ୍ଦ ଯୁବଭାରତୀ କ୍ରୀଡ଼ାଙ୍ଗନଠାରେ ଏହି ମ୍ୟାଚ୍ ସନ୍ଧ୍ୟା ସାଢ଼େ ୭ଟାରେ ଖେଳାଯିବ ।